## ଆଜି କ'ଣ କେଉଁଠି

**ଦାରିଙ୍ଗବାଡ଼ି**
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର। ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସମୟ: ପୂର୍ବାହ୍ନ ୧୦ଟା

**ପାରଳାଖେମୁଣ୍ଡି**
- ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ଶିବିର। ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ। ସମୟ: ପୂର୍ବାହ୍ନ ୯ଟା।

**ଭଞ୍ଜନଗର**
- ଜାତୀୟ ରକ୍ତଦାତା ଦିବସ। ସ୍ଥାନ: ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ। ସମୟ: ପୂର୍ବାହ୍ନ ସାଢ଼େ ୧୦ଟା। ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ ଜୟନ୍ତୀ। ସ୍ଥାନ: ତନରଡା ଶ୍ରୀବତ୍ସ ଗୋରକ୍ଷାଶ୍ରମ। ସମୟ-ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ନୂତନ ରେଜିଷ୍ଟ୍ରାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା
**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

**ବ୍ରହ୍ମପୁର ଅଫିସ,୩୦।୯:** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ପିଜି କାଉନସିଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ଼.ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଉପସ୍ଥିତ ରହିଥିଲେ। ସଂଘ ସଭାପତି ତଥା ଆଇଆରପିଏମ ବିଭାଗର ପ୍ରଫେସର ସୁଧାକର ପାତ୍ର ସଭା ପରିଚାଳନା କରିଥିଲେ। ସମ୍ପାଦକ ଇତିହାସ ବିଭାଗର ପ୍ରଫେସର ଡ଼.ସଦାନନ୍ଦ ନାୟକ ସହଯୋଗ କରିଥିଲେ। ଏହି ସଭାରେ ବିଶ୍ୱବିଦ୍ୟାଳୟର ଗୃହ ବିଜ୍ଞାନ ବିଭାଗର ପ୍ରଫେସର ଡ଼. ଅରୁନ୍ଧତୀ ରଥ ଓ ବାଣିଜ୍ୟ ବିଭାଗର ପ୍ରଫେସର ଡ଼.ଗୌରୀ ଶଙ୍କର ଲାଲଙ୍କୁ ବାଦାୟୀ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

### ୪୫ ବର୍ଷରେ ଜନନା ହସ୍ପିଟାଲ ବ୍ୟବସାୟୀ ସଂଘ ପୂଜା
**ପ୍ରତ୍ୟହ ୧୦୮ ଆଳତି, ପ୍ରସାଦ ସେବନ**



**ବ୍ରହ୍ମପୁର ଅଫିସ,୩୦।୯:** ସହରର ବିଭିନ୍ନ ପୂଜା ମଣ୍ଡପରେ ନବରାତ୍ରିଠାରୁ ପୂଜା ଆରମ୍ଭ ହୋଇଛି। ତେବେ ପଞ୍ଚମୀଠାରୁ ସହରର ବହୁ ପୁରାତନ ଜନନା ହସ୍ପିଟାଲ ରୋଡ ବ୍ୟବସାୟୀ ସଂଘ ପୂଜା କମିଟି ପକ୍ଷରୁ ପୂଜା ଆରମ୍ଭ ହୋଇଛି। ଚଳିତଥର ୪୫ତମ ପୂଜା ପାଳନ ହେଉଛି। କମିଟି ପକ୍ଷରୁ ପ୍ରଥମ କରି ୧୯୭୭ରେ ପୂଜା ଆରମ୍ଭ ହୋଇଥିଲା। ଗତ ୨ ବର୍ଷ କରୋନା ମହାମାରୀ କାରଣରୁ ପୂଜା ବନ୍ଦ ରହିଥିବା ବେଳେ ଚଳିତବର୍ଷ ଆଡମ୍ବରରେ ପୂଜା ଚାଲିଛି। ପ୍ରତ୍ୟେକ ଦିନ ପୂର୍ବାହ୍ନରେ ସୂର୍ଯ୍ୟ ପୂଜା ସହ ମା' ଦୁର୍ଗାଙ୍କ ବାଡ ଭୋଗ ଲଗାଯାଉଛି। ସେହିପରି ସନ୍ଧ୍ୟାରେ ୧୦୮ ଆଳତୀ, ୧ ହଜାର ୮ ବେଲପତ୍ର ପୂଜା, ହୋମଯଜ୍ଞ ଆଦି ହେଉଛି। ମଧ୍ୟାହ୍ନ ଓ ସନ୍ଧ୍ୟାରେ ପ୍ରାୟ ୫ଶହ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। କମିଟି ପକ୍ଷରୁ ୫ ଦିନ ଧରି ଭଜନ ସମାରୋହ ଓ ମେଲୋଡି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଚଳିତ ଥର ମୂର୍ତ୍ତିର ଉଚ୍ଚତା ୧୦ ଫୁଟ ରହିଛି। କମିଟି ସଭାପତି ସଞ୍ଜିତ କୁମାର ପାଣିଗ୍ରାହୀ, ସଂପାଦକ ଶ୍ରୀନିବାସ ରାଓ, ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀ, ଆଇନ ଉପଦେଷ୍ଟା ଅରୁଣ କୁମାର ଭୂୟାଁ, କୋଷାଧକ୍ଷ ଶିବ ନାୟକଙ୍କ ସମେତ କମିଟିର ବହୁ ସଦସ୍ୟ ପୂଜା ପରିଚାଳନାରେ ସହଯୋଗ କରୁଛନ୍ତି।

### ମହିଳାଙ୍କୁ ଟଣାଓଟରା ଅଭିଯୋଗରେ ୨ ଛାତ୍ର ଗିରଫ

**ଗୋପାଳପୁର,୩୦।୯(ଡି.ଏନ.ଏ.):** ଜଣେ ମହିଳାଙ୍କୁ ଟଣାଓଟରା ଓ ଧମକଚମକ ଦେବା ଅଭିଯୋଗରେ ଗୋପାଳପୁର ଥାନା ପୋଲିସ ଶୁକ୍ରବାର ଦୁଇ ଛାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଥାନା ଅନ୍ତର୍ଗତ ଆମ୍ବପୁଆ ନିକଟରେ ଥିବା ସିଟି କଲେଜରେ ଜଣେ ଛାତ୍ରୀ ପଢୁଛନ୍ତି। ଗତ ଦୁଇରୁ ତିନିମାସ ହେଲା ଉକ୍ତ ଛାତ୍ରୀଙ୍କୁ ବିଭିନ୍ନ ସମୟରେ ସମ୍ପୃକ୍ତ ୨ ଛାତ୍ର ହଇରାଣ କରୁଥିଲେ। ଏ ନେଇ ଛାତ୍ରୀ ଜଣକ ମା'ଙ୍କୁ ଜଣାଇଥିଲେ। ଗୁରୁବାର ଛାତ୍ରୀ ମା' ସିଟି କଲେଜକୁ ଘଟଣା ସମ୍ପର୍କରେ ଛାତ୍ରମାନଙ୍କୁ ପଚାରିବାରୁ ସେମାନେ ମହିଳାଙ୍କୁ ଟଣାଓଟରା କରିବା ସହ ଧମକଚମକ ଦେଇଥିଲେ। ମହିଳାଙ୍କ ଅଭିଯୋଗ କ୍ରମେ ଗୋପାଳପୁର ପୋଲିସ ନଂ ୧୯୫/୨୨ରେ ମାମଲା ରୁଜୁ କରିଛି।

# ଶ୍ରମ ବିଭାଗ ପାଖରେ ନାହିଁ ଦାଦନଙ୍କ ସୂଚନା

**ବ୍ରହ୍ମପୁର ଅଫିସ, ୩୦।୯**

ଶିଳ୍ପବିହୀନ ଗଞ୍ଜାମ ଜିଲାରେ ବେକାରୀ ସମସ୍ୟା ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଛି। ଚାଷ ପାଇଁ ମଧ୍ୟ ସେଭଳି ସୁଯୋଗ ନ ଥିବାରୁ ଅଧିକାଂଶ ଯୁବତୀ ଯୁବକ ବାହାର ରାଜ୍ୟକୁ କାମ କରିବାକୁ ଯାଇଥାନ୍ତି। ଏମାନଙ୍କ ଦୁର୍ବଳ ଆର୍ଥିକ ସ୍ଥିତିର ଫାଇଦା ଉଠାଇଥାନ୍ତି ଦଲାଲ୍। ଦଲାଲଙ୍କ ଜାଲରେ ପଡ଼ି କିଛି ଉପାର୍ଜନ କରିବା ଆଶାରେ ପ୍ରତିବର୍ଷ ଜିଲାରୁ ହଜାର ହଜାର ସଂଖ୍ୟାରେ ଲୋକ ବିଭିନ୍ନ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ହେଲେ ଏମାନଙ୍କ ସମ୍ପର୍କରେ ଶ୍ରମ ବିଭାଗ ନିକଟରେ କୌଣସି ସୂଚନା ରହୁନାହିଁ। ତେଣୁ ଅନ୍ୟ ରାଜ୍ୟରେ କୌଣସି ଓଡ଼ିଆ ଶ୍ରମିକ ନିଖୋଜ ହୋଇଗଲେ କିମ୍ବା ମୃତ୍ୟୁ ଘଟିଲେ ମଧ୍ୟ ଶ୍ରମ ବିଭାଗକୁ ଖବର ଆସୁନାହିଁ। ଶ୍ରମ ବିଭାଗ ନିକଟରେ କେବଳ ନିର୍ମାଣ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଯାଉଛି, ଦାଦନଙ୍କ କୌଣସି ସୂଚନା ରହୁନାହିଁ ବୋଲି ବ୍ରହ୍ମପୁର ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର କହିଛନ୍ତି।

### ଗଞ୍ଜାମରେ ୨.୩୦ ଲକ୍ଷ ନିର୍ମାଣ ଶ୍ରମିକ ପଞ୍ଜୀକୃତ

ଗଞ୍ଜାମ ଜିଲାକୁ ଦୁଇଟି ଶ୍ରମ ଜିଲାରେ ବିଭକ୍ତ କରାଯାଇଛି। ଗୋଟିଏ ବ୍ରହ୍ମପୁର ଓ ଦ୍ୱିତୀୟଟି ଛତ୍ରପୁର। ବ୍ରହ୍ମପୁର ଶ୍ରମ ଜିଲାରେ ୧ଲକ୍ଷ ୧୭ହଜାର ନିର୍ମାଣ ଶ୍ରମିକ ନାମ ପଞ୍ଜୀକରଣ କରିଥିବା ବେଳେ ଛତ୍ରପୁର ଶ୍ରମ ଜିଲାରେ ମଧ୍ୟ ପ୍ରାୟ ୧ଲକ୍ଷ ୧୫ହଜାର ନିର୍ମାଣ ଶ୍ରମିକ ନାମ ପଞ୍ଜୀକରଣ କରିଛନ୍ତି। ଜିଲାରେ ପ୍ରାୟ ୨ଲକ୍ଷ ୩୦ହଜାର ନିର୍ମାଣ ଶ୍ରମିକ ରହିଛନ୍ତି। ନିର୍ମାଣ ଶ୍ରମିକଙ୍କ ପାଇଁ ସରକାର ସାମାଜିକ ସୁରକ୍ଷା ବ୍ୟବସ୍ଥାରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। ସେହିପରି ପିଲାଙ୍କ ଶିକ୍ଷା ଓ ବାହାଘର ପାଇଁ ମଧ୍ୟ ଆର୍ଥିକ ସହାୟତା ଦିଆଯାଇଥାଏ। ଏହି ଧାରାରେ ବ୍ରହ୍ମପୁର ଶ୍ରମ ଜିଲାରେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରାୟ ୧୪କୋଟି ଟଙ୍କା ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଯୋଜନାର ସହାୟତା ପ୍ରଦାନ କରାଯାଇଥିବା ଶ୍ରମ ଅଧିକାରୀ ପାତ୍ର କହିଛନ୍ତି। ଅନ୍ୟପଟେ ଦାଦନ ଶ୍ରମିକଙ୍କ ପାଇଁ ଶ୍ରମ ବିଭାଗର କୌଣସି ସହାୟତା ନଥିବା ସେ କହିଛନ୍ତି। ଶ୍ରମ ବିଭାଗରେ ନିର୍ମାଣ ଶ୍ରମିକ ଭାବେ ନାମ ପଞ୍ଜୀକରଣ କରି ନିଜ ଜିଲାରେ କାମ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିଭିନ୍ନ ଯୋଜନାରେ ସହାୟତା ପ୍ରଦାନ ବ୍ୟବସ୍ଥା ରହିଛି। ହେଲେ ଅନ୍ୟ ରାଜ୍ୟକୁ ଯାଇ ଅନ୍ୟ କାମରେ ନିୟୋଜିତ ହେଲେ ତାଙ୍କ ପାଇଁ କିଛି ସୁବିଧା ନାହିଁ। ଅନ୍ୟ ରାଜ୍ୟରେ ଓଡ଼ିଶାର କୌଣସି ଶ୍ରମିକଙ୍କ କିଛି ସମସ୍ୟା ହେଲେ ସେଠାକାର ପ୍ରଶାସନ ଓଡ଼ିଶା ସରକାରଙ୍କ ଶ୍ରମ ବିଭାଗକୁ ଖବର କଲେ ସମ୍ପୃକ୍ତ ଶ୍ରମିକଙ୍କ ସମ୍ପର୍କରେ ସୂଚନା ମିଳିଥାଏ। କିନ୍ତୁ ଦାଦନ ଖଟିବା ପାଇଁ ଯାଉଥିବା ଶ୍ରମିକଙ୍କ କିଛି ସମସ୍ୟା ହେଲେ ସେ ଦିଗରେ ଶ୍ରମିକ ବିଭାଗକୁ କୌଣସି ଖବର ଆସି ନଥାଏ। ଗଞ୍ଜାମ ଜିଲାରୁ ଅଧିକାଂଶ ଲୋକ ଦାଦନ ଖଟିବାକୁ ଗୁଜରାଟ ଯାଇଥାନ୍ତି। ପ୍ରାୟ ୯୦ ପ୍ରତିଶତ ଲୋକ ସୁରଟର ବିଭିନ୍ନ ସୂତାକଳା ତଥା ଲୁଗା ଫ୍ୟାକ୍ଟ୍ରିରେ କାମ କରି ପରିବାର ଚଳାଇଥାନ୍ତି। ପ୍ରତିବର୍ଷ ଏମାନଙ୍କ ଯିବା ଆସିବା ରହିଥାଏ। କରୋନାର ପ୍ରଥମ ଲହର ସମୟରେ ବେସରକାରୀ ଭାବେ ପ୍ରାୟ ୩ଲକ୍ଷରୁ ଅଧିକ ପ୍ରବାସୀ ଶ୍ରମିକ ଗଞ୍ଜାମ ଜିଲାକୁ ଫେରିଥିଲେ। ସେହିପରି ଦ୍ୱିତୀୟ ଲହର ବେଳେ ୩୦ହଜାର ଶ୍ରମିକ ଫେରିଥିଲେ। ଗୁଜରାଟ ବ୍ୟତୀତ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଓ ଚେନ୍ନାଇ ଭଳି ସହରରେ ଗଞ୍ଜାମର ବହୁ ଲୋକ କାମ କରିଥାନ୍ତି। କରୋନାର ଦ୍ୱିତୀୟ ଲହର ଥମିବା ପରେ ରୋଜଗାର ପାଇଁ ଜିଲାରୁ ପ୍ରତିଦିନ ହଜାର ହଜାର ଲୋକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ଦେଖିବାକୁ ମିଳିଥିଲା। ପ୍ରକୃତରେ କେତେ ଲୋକେ ବାହାର ରାଜ୍ୟକୁ ଯାଇଛନ୍ତି, ସେମାନେ କେଉଁଠି କାମ କରୁଛନ୍ତି ସେ ସମ୍ପର୍କରେ ଶ୍ରମ ବିଭାଗ ନିକଟରେ ସେଭଳି କିଛି ବିଧିବଦ୍ଧ ସୂଚନା ନାହିଁ।



ଯୋଗମୁଦ୍ରା, ପୌରାଣିକ କଥାବସ୍ତୁ ନେଇ ତିଆରି ହୋଇଥିବା କଣ୍ଢେଇ।

# ତେଲୁଗୁ ସମ୍ପ୍ରଦାୟର କଣ୍ଢେଇ ମେଳା

**ବ୍ରହ୍ମପୁର ଅଫିସ,୩୦।୯**

ସହରର ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ନବରାତ୍ର ଉପଲକ୍ଷେ ବୋମାଲା କୋଲୁବୁ ପୂଜା ଅର୍ଥାତ କଣ୍ଢେଇ ମେଳା ଆୟୋଜନ କରାଯାଇଥାଏ । ଏହି ମେଳା ବହୁ ପୁରାତନ। ବର୍ତ୍ତମାନ ଏହାକୁ ସହରର ୨ ଦମ୍ପତି ବଜାୟ ରଖିଛନ୍ତି। ସହରର ଲୋଚାପଡା ନିବାସୀ ତଥା ବ୍ରଜନଗର ୩ୟ ଲେନରେ ରହୁଥିବା ଏମ.ଭେଙ୍କଟ ରାଓ ଓ ପଦ୍ମାବତୀ ଏହି ପୂଜାକୁ ଆଡମ୍ବର ସହକାରେ ପାଳନ କରୁଛନ୍ତି। ସେ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ପୂଜା କରିଆସୁଛନ୍ତି। ଦମ୍ପତି ୫୦୦ରୁ ଅଧିକ କଣ୍ଢେଇ ରଖି ପୂଜାର୍ଚ୍ଚନା କରିଥାନ୍ତି। ତାଙ୍କ ପାଖରେ ପ୍ରାୟ ୧୦୦ ବର୍ଷ ପୁରୁଣା କୃଷ୍ଣଙ୍କ ମୂର୍ତ୍ତି, ରାମ ଲକ୍ଷ୍ମଣ ଓ ସୀତାଙ୍କ ମାଟି ମୂର୍ତ୍ତି ରହିଛି। ଏଥିସହ କାଚ, ପ୍ଲାଷ୍ଟିକ ଓ କାଗଜରେ ନିର୍ମିତ କଣ୍ଢେଇ ମଧ୍ୟ ପୂଜା ପାଉଛନ୍ତି। ସେହିପରି ସାଗର ମନ୍ଥନ, ଶ୍ରୀକୃଷ୍ଣ ଲୀଳା, ଜଗନ୍ନାଥଙ୍କ ରଥଯାତ୍ରା, ଲକ୍ଷ୍ମୀ ମନ୍ଦିର, ଯୋଗାସନ ମୂର୍ତ୍ତି ରହିଛି। ତେଲୁଗୁ ସଂପ୍ରଦାୟର ଏହି ପର୍ବ ବିଜୟା ଦଶମୀ ଯାଏଁ ପାଳନ କରାଯାଏ। ଉକ୍ତଦିନ ପୂଜା ଉଦଯାପନୀ ହୋଇଥାଏ।

### ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ,୩୦।୯**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଯାଇଥିଲା। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧକ୍ଷତା କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି, ଡ଼େପୁଟି ରେଜିଷ୍ଟ୍ରାର ବାପୁଜୀ ସାମଲ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୃହ ବିଜ୍ଞାନ ବିଭାଗ ପ୍ରଫେସର ଡ଼. ଅରୁନ୍ଧତୀ ରଥ ଓ ବାଣିଜ୍ୟ ବିଭାଗର ପ୍ରଫେସର ଡ଼.ଗୌରୀ ଶଙ୍କର ଲାଲଙ୍କ ସମେତ ବରିଷ୍ଠ ସେକ୍ସନ ଅଫିସର ଡ଼.ଦେବୀ ପ୍ରସାଦ ଦାସ, ଗୃହ ବିଜ୍ଞାନ ବିଭାଗୀୟ ଡେମୋନଷ୍ଟ୍ରେଟର ଡ଼.ସ୍ୱର୍ଣ୍ଣଲତା ମିଶ୍ର ଓ ଲିଙ୍ଗରାଜ ଲ କଲେଜର ଅରୁଣ ପଣ୍ଡା ପ୍ରମୁଖଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ବର୍ଷ ଧରି ବିଶ୍ୱବିଦ୍ୟାଳୟ ପ୍ରତି ଏହି ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ କର୍ତ୍ତବ୍ୟନିଷ୍ଠ କାର୍ଯ୍ୟକୁ ପ୍ରଶଂସା ସହ ସେମାନଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

### ସାଇ ବିହାର ଠାକୁରାଣୀ ମନ୍ଦିର ବାର୍ଷିକ ଉତ୍ସବ

**ବ୍ରହ୍ମପୁର ଅଫିସ,୩୦।୯**

ସହର ଉପଖଣ୍ଡସ୍ଥ ଲୋଚାପଡ଼ା ସାଇବିହାର ଅଞ୍ଚଳରେ ଥିବା ଠାକୁରାଣୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହେଉଛି।ଏଥିସହ ଶୁକ୍ରବାରଠାରୁ ବିଜୟା ଦଶମୀ ଉପଲକ୍ଷେ ପୂଜା ଆରମ୍ଭ ହୋଇଛି। ସାହିବାସିନ୍ଦା ଶୋଭାଯାତ୍ରାରେ ନିକଟସ୍ଥ ଜଳାଶୟରୁ ଜଳ ସଂଗ୍ରହ କରି ଠାକୁରାଣୀ ମନ୍ଦିର ପରିସରରେ ହୋଇଥିବା ଯଜ୍ଞ ମଣ୍ଡପକୁ ଆସିଥିଲେ। ମୁଖ୍ୟ ପୁଜକ ବଦ୍ରି ନାରାୟଣ ପାଢ଼ୀଙ୍କ ତତ୍ତ୍ୱାବଧାନରେ ବିଧିଅନୁସାରେ ଗଙ୍ଗାବରଣ ପରେ ସମସ୍ତ ପୂଜା ହୋଇଥିଲା। ସନ୍ଧ୍ୟାରେ ଆଳତୀ ହୋଇଥିଲା। ଶନିବାରଠାରୁ ଏଠାରେ ବେଦ ପୁରାଣ, ମନ୍ତ୍ରପାଠ, ଚଣ୍ଡୀ ପାଠ ଅନୁଷ୍ଠିତ ହେବ। ସାଇବିହାର ଠାକୁରାଣୀ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ନିୟମିତ ଭାବେ ଭକ୍ତଙ୍କ ନିମନ୍ତେ ପ୍ରସାଦସେବନ ସୁବିଧା କରାଯାଇଛି। ସୂଚନାଯୋଗ୍ୟ, ଏହି ଠାକୁରାଣୀ ମନ୍ଦିର ୧୦୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପରିତ୍ୟକ୍ତ ଅବସ୍ଥା ପଡ଼ିରହିଥିଲା। ୨୦୨୧ରେ ସାହିବାସିନ୍ଦାଙ୍କ ଉଦ୍ୟମରେ ମନ୍ଦିରର ପୁନରୁଦ୍ଧାର ହୋଇଥିଲା। ବର୍ଷିକ ଉତ୍ସବ ଓ ଦଶହରା ପୂଜାରେ ମନ୍ଦିର ପରିଚାଳନା କମିଟିସଭାପତିହେମନ୍ତ କୁମାର ରାଓ, ସମ୍ପାଦକ ସମୀର କୁମାର ରଥ, କୋଷାଧକ୍ଷ ନଟବର ସାହୁ, ଉପସଭାପତି ଉପେନ୍ଦ୍ରକୁମାର କର ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ରେ ସହଯୋଗ କରୁଛନ୍ତି।

# ମହିଳା ଥାନାରେ ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ



ଚାଇଲ୍ଡ ଫ୍ରେଣ୍ଡ୍‌ଲି ପୋଲିସ ଷ୍ଟେଶନ।

**ବ୍ରହ୍ମପୁର ଅଫିସ,୩୦।୯**

ମହିଳା ଥାନା ପରିସରରେ ଶୁକ୍ରବାର ଚାଇଲଡ଼ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ ଉଦଘାଟିତ ହୋଇଛି। ଏହାକୁ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଉଦଘାଟନ କରିଛନ୍ତି। ମହିଳା ଥାନାକୁ ଅଭିଯୋଗ ପାଇଁ ଆସୁଥିବା ମହିଳା ଓ ଶିଶୁମାନଙ୍କୁ ଉତ୍ତମ ସେବା ଓ ଆଇନଗତ ସହାୟତା ଯୋଗାଇ ଦେବା ପାଇଁ ବ୍ରହ୍ମପୁର ପୋଲିସ ପକ୍ଷରୁ ଏପରି ପ୍ରୟାସ ଆରମ୍ଭ ହୋଇଛି। ସେଠାରେ ମହିଳା ଓ ଶିଶୁମାନଙ୍କ ବିଶ୍ରାମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶେଷକରି ମହିଳାମାନେ ସେମାନଙ୍କ ଶିଶୁଙ୍କୁ ଧରି ଥାନାକୁ ଅଭିଯୋଗ ପାଇଁ ଆସୁଥବାରୁ ଶିଶୁ ସ୍ତନ୍ୟପାନ ପାଇଁ ସ୍ୱତନ୍ତ୍ର କୋଠରୀ ରହିଛି। ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାର ଖେଳନା ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଶିଶୁ ମଙ୍ଗଳ ସମିତି ସଦସ୍ୟ, ନାରୀ ସୁରକ୍ଷା ଓ ନ୍ୟାୟ ଦେବା ପାଇଁ ରହିଥିବା ୱାନ ଷ୍ଟପ କେନ୍ଦ୍ରର ସଦସ୍ୟ ଓ ଚାଇଲଡ଼ ଲାଇନ ସଦସ୍ୟମାନଙ୍କୁ ନେଇ ଆଇଜି ଏସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିବା ବ୍ରହ୍ମପୁର ଏସପି ଡା. ଶ୍ରବଣା ବିବେକ ଏମ. ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଅସୀମ କୁମାର ପଣ୍ଡା, ବ୍ରହ୍ମପୁର ଏସଡ଼ିପିଓ ରାଜୀବ ଲୋଚନ ପଣ୍ଡା, ମହିଳା ଥାନାଧିକାରୀ ଅଞ୍ଜଳି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ସୁପ୍ରଭା



@ ବର୍ଷାରାଣୀ



@ ଶିବାନୀ



@ ଅରୁଣ



@ ମନୋଜ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧ୍ୟରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଲତାଙ୍କ ଜୟନ୍ତୀ ପାଳିଲା ଆମ୍ବେଡକର ମହିଳା ସଂଘ




ଜରାନିବାସ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟାଯାଉଛି।

**ବ୍ରହ୍ମପୁର ଅଫିସ,୩୦।୯**

ଡ. ବି.ଆର. ଆମ୍ବେଡକର ଅନୁସୂଚିତ ଜାତି ଓ ଜନଜାତି ବିକାଶ ମହାମଞ୍ଚ ଓ ଆମ୍ବେଡକର ମହିଳା ସଂଘ ପକ୍ଷରୁ ରବିବାର ଲାଞ୍ଜିପଲ୍ଲୀସ୍ଥିତ ଆମ୍ବେଡକର ନଗର ଠାରେ ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ୯୩ତମ ଜନ୍ମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ସମ୍ପାଦକ ଅମିତ କୁମାର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ୩୨ ନମ୍ବର ୱାର୍ଡ଼ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ଜଗତକୁ ସ୍ୱର ସମ୍ରାଜ୍ଞୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ସଭା ଶେଷରେ ଅନାଦି ନଗର ସ୍ଥିତ ଜରାନିବାସର ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟାଯାଇଥିଲା। ଆମ୍ବେଡକର ମହିଳା ସଂଘ ଓ ଅନୁସୁଚିତ ଜାତି ଓ ଜନଜାତି ବିକାଶ ମହାମଞ୍ଚ ପକ୍ଷରୁ ଟି.ଶିବା କୁମାର, ପ୍ରଶାନ୍ତ କୁମାର ନାୟକ, ସଚିତା ହାତୀ, ସୁବ୍ରତା ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅମୃତ ମହୋତ୍ସବ ସାରସ୍ୱତ ସମ୍ମାନ

**ବ୍ରହ୍ମପୁର ଅଫିସ,୩୦।୯**

ନିରଞ୍ଜନ ସରକାରୀ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ପକ୍ଷରୁ ଶୁକ୍ରବାର ଅମୃତ ମହୋତ୍ସବ ସାରସ୍ୱତ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଗଣେଶ୍ୱରୀ ମାଝିଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୋ କଲେଜ ଅଭିଯାନର ସଂଯୋଜକ ଡ.ଓମ ନାରାୟଣ ରାଓ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଆଲୋଚକ ରୂପେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ.କୁଳମଣି ଓଝା ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଭାରତ ବର୍ଷକୁ ବିକଶିତ ରାଷ୍ଟ୍ର ରୂପେ ଗଢି ତୋଳିବାକୁ ହେଲେ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ। ରାଜନୀତି ବିଜ୍ଞାନ ସହକାରୀ ପ୍ରଫେସର ଡ.ସରୋଜ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଅଧାପିକା, ଅଧାପକ, ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ସମସ୍ତ ଜଟିଳ ଓ ପୁରାତନ ରୋଗର ଆୟୁର୍ବେଦିକ ଉପଚାର ପାଇଁ ଯୋଗାଯୋଗ କରନ୍ତୁ
ଡା.ଶ୍ରୀ ଅକ୍ଷୟ କୁମାର ମିଶ୍ର
B.A.M.S. (B.U.)
Registration No.2515



ନ୍ୟାସନାଲ୍ ଆୟୁର୍ବେଦିକ ଫାର୍ମାସୀ
କବିସୂର୍ଯ୍ୟନଗର, ଗଞ୍ଜାମ, ଓଡ଼ିଶା, ପିନ୍-761104, ମୋବାଇଲ-9861271396
ମୋବାଇଲରେ ଯୋଗାଯୋଗ ସମୟ ସନ୍ଧ୍ୟା 7 pm ରୁ 9 pm
ପରାମର୍ଶ ସମୟ ସକାଳ 9 ଟାରୁ 12ଟା, ଅପରାହ୍ନ 2ଟାରୁ 6ଟା

## ସଂକ୍ଷେପରେ

### ଘାଟିରେ ଓଲଟିଲା କମଳା ବୋଝେଇ ଭ୍ୟାନ



ଦାରିଙ୍ଗବାଡି,୩୦।୯(ଡି.ଏନ.ଏ)- କନ୍ଧମାଳ ଜିଲାକୁ ସଂଯୋଗ କରୁଥିବା ୫୯ନଂ ଜାତୀୟ ରାଜପଥର ଗାଜଲବାଡ଼ି ଘାଟିରେ ଏକ କମଳା ବୋଝେଇ ଭ୍ୟାନ ଓଲଟି ପଡ଼ିଛି। ଏଥିରେ ଚାଳକ ଏବଂ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ସୋରଡ଼ା ଆଇଆଇସି ରମେଶ ପ୍ରଧାନ ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ଛତିଶଗଡ଼ ଅଞ୍ଚଳରୁ କମଳା ବୋଝେଇ ଭ୍ୟାନ ନଂ (ସିଜି ୦୪ଏନକେ୦୫୫୩) ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ବିଳମ୍ବିତ ରାତିରେ ଘାଟି ରାସ୍ତା ପାର ହେଉଥିବା ବେଳେ ଚାଳକଙ୍କ ଆଖି ଲାଗିଯାଇଥିବାରୁ ଏହି ଦୁର୍ଘଟଣା ଘଟିଥିବା ହେଲପର କହିଛନ୍ତି।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କୁକୁଡ଼ାଖଣ୍ଡି,୩୦।୯ -ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ମକରଝୋଳ ଗ୍ରାମ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଷ୍ଟା ରାଜ୍ୟର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ଓ ମୁଖ୍ୟବକ୍ତା ଭାବେ ଡଃ. ବିଜୟ କୁମାର ପାଣିଗ୍ରାହୀ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମହାନ୍ତିଙ୍କୁ ଉପଢ଼ୌକନ ଓ ଉପହାର ଦେଇ ବିଦାୟ କାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

### କେନାଲରୁ ବୃଦ୍ଧଙ୍କ ମୃତଦେହ ଜବତ

ବୁଗୁଡ଼ା,୩୦।୯(ଡି.ଏନ.ଏ.)-ବୁଗୁଡ଼ା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗାଁର ବିପ୍ର ଚରଣ ନାୟକ (୫୮)ଙ୍କ ଗୁରୁବାର କେନାଲରେ ବୁଡି ମୃତ୍ୟୁ ଘଟିଥିଲା। ଶୁକ୍ରବାର ଦମକଳବାହିନୀ ଦ୍ୱାରା ତାଙ୍କର ମୃତଦେହକୁ ଜବତ କରାଯାଇଛି। ରାମଚନ୍ଦ୍ରପୁର ଗାଁ ପାଖ ବାଘୁଆ କେନାଲକୁ ଗାଧୋଇବା ପାଇଁ ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କେନାଲକୁ ଯାଇଥିଲେ। କେନାଲ ହିଡରେ ବିପ୍ରଙ୍କ ଚପଲ ଓ ବସ୍ତ୍ର ରହିଥିବା ବେଳେ ତାଙ୍କର ଦେଖା ମିଳି ନଥିଲା। ସେ କେନାଲରେ ଭାସି ଯାଇଥିବା ନେଇ ସନ୍ଦେହ ହେବାରୁ ଦମକଳବାହିନୀକୁ ଖବର ଦିଆଯାଇଥିଲା। ଦମକଳବାହିନୀ ପହଞ୍ଚି ଗାଁ ସଭାପତି ଶ୍ରୀନିବାସ ଦୋରାଙ୍କ ସହଯୋଗରେ ବିଳମ୍ବିତ ରାତି ଯାଏ ଖୋଜିଥିଲେ ସୁଦ୍ଧା ନିରାଶ ହୋଇଥିଲେ। ପୁଣି ସକାଳେ ଖୋଜିବା ଆରମ୍ଭ କରି ପ୍ରାୟ ୪୦୦ ମିଟର ଦୂରରେ କେନାଲ ହିଡ କଡରେ ବିପ୍ରଙ୍କ ମୃତଦେହ ଭାସମାନ ଅବସ୍ଥାରେ ଦେଖିବାକୁ ପାଇଥିଲେ। ସେଠାରୁ ମୃତଦେହକୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ.୨୬/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସାପ କାମୁଡ଼ାରେ ମହିଳା ଆହତ

ବୁଗୁଡ଼ା,୩୦।୯(ଡି.ଏନ.ଏ.)-ବୁଗୁଡ଼ା ଥାନା ଏ.କରଡ଼ାବାଡ଼ି ପଞ୍ଚାୟତ ଅନ୍ତର୍ଗତ ବଣପଲ୍ଲୀ ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ରୁନୁ ପାତ୍ର ଆହତ ହୋଇଛନ୍ତି। ଅପରାହ୍ନରେ ରୁନୁ ରୋଷେଇଶାଳରୁ ଭାତ ହାଣ୍ଡି ଆଣିବା ସମୟରେ ସେଠାରେ ଥିବା ଏକ ନାଗ ସାପ ତାଙ୍କୁ କାମୁଡି ଦେଇଥିଲା। ଆହତ ରୁନୁଙ୍କୁ ତୁରନ୍ତ ଭଞ୍ଜନଗର ମେଡିକାଲ ନିଆଯାଇଥିବା ବେଳେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ହରିଶ ପାଢ଼ୀ ପହଞ୍ଚି ୫ ଫୁଟିଆ ନାଗ ସାପଟିକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଥିଲେ।

# ବିଇଓଙ୍କ ପ୍ରତିଶ୍ରୁତି ପରେ ବିଦ୍ୟାଳୟ ତାଲା ଖୋଲିଲା

**ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ୨ଦିନ ଚାଲିଥିଲା ଆନ୍ଦୋଳନ**

ଭଞ୍ଜନଗର,୩୦।୯(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଭାଲିଆଖାଇ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଗ୍ରାମବାସୀ ଦୁଇଦିନ ହେଲା ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଦ୍ ଧରିଥିଲେ। ଖବରପାଇ ବିଇଓ ଏସ୍.ଧନଞ୍ଜୟ ବିଦ୍ୟାଳୟରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି।

ଭାଲିଆଖାଇ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅବ୍ୟବସ୍ଥା ହେଉଛି। ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆସୁଥିବା ବିଭିନ୍ନ ସରକାରୀ ସୁବିଧା ଠିକ୍ ଭାବେ ମିଳୁନାହିଁ। ପରୀକ୍ଷା ବେଳେ ଶ୍ରେଣୀ ପିଛା ଗୋଟିଏ ପ୍ରଶ୍ନପତ୍ରରେ କାମ ଚଳାଇ ଦିଆଯାଉଛି। ଏ ନେଇ ଅଭିଭାବକମାନେ ପୂର୍ବରୁ ବହୁବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସମସ୍ୟା ସମାଧାନ ହୋଇପାରି ନ ଥିଲା। ଗତ ବୁଧବାର ଠାରୁ ବିଦ୍ୟାଳୟରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଗୋଟିଏ ଶ୍ରେଣୀକୁ ଗୋଟିଏ ପ୍ରଶ୍ନପତ୍ର ଦେଖି ପିଲାଙ୍କୁ ପରୀକ୍ଷା ଦେବାକୁ କୁହାଯାଇଥିଲା । ପିଲାମାନେ ପରୀକ୍ଷା ଦେଇ ଫେରିବା ପରେ ଏ ସମ୍ପର୍କରେ ଅଭିଭାବକଙ୍କୁ ଜଣାଇଥିଲେ। ଏଥିରେ ଉତ୍ତେଜିତ ହୋଇ ଅଭିଭାବକମାନେ ଗୁରୁବାର ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଶୁକ୍ରବାର ପୁଣି ଆନ୍ଦୋଳନରେ ବସିଥିଲେ । ତେବେ ବିଇଓଙ୍କ ହସ୍ତକ୍ଷେପ କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ଛାତ୍ରୀଛାତ୍ରଙ୍କ ଦୁଇ ଦିନର ପରୀକ୍ଷାଗୁଡ଼ିକୁ କରାଯାଇଛି । ବିଇଓ ଏସ୍.ଧନଞ୍ଜୟଙ୍କ ସହ ଯୋଗାଯୋଗ କରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ତଦନ୍ତ ଚାଲିଥିବା କହିଛନ୍ତି।




ଗ୍ରାମବାସୀ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଛନ୍ତି ।

# ସନମୁଖ ଯୁବ ବିଜେଡି ସଭାପତି

**ଛତ୍ରପୁର ନିର୍ବାଚନମଣ୍ଡଳୀ**

ଛତ୍ରପୁର,୩୦।୯(ଡି.ଏନ୍.ଏ.)

ଛତ୍ରପୁର ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଭାବେ ସନମୁଖ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଧାୟକ ବ୍ୟୋମକେଶ ରାୟ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଜିଲା ଯୁବ ବିଜେଡି ସଭାପତି ଭବାନୀ କାନ୍ତ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି।



ସନମୁଖ ପଟ୍ଟନାୟକ ।

# ଅଣ୍ଡୁ ଜୈବ ଖତ ପ୍ରସ୍ତୁତି କର୍ମଶାଳା



ଅଣ୍ଡୁଜୈବ କେନ୍ଦ୍ରଠାରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

ଆସିକା,୩୦।୯(ଡି.ଏନ.ଏ)

ଆସିକା ଏନ୍ଏସିର ତାଲୁକା ରୋଡସ୍ଥିତ ଅଣ୍ଡୁ ଜୈବ ଖତ ପ୍ରସ୍ତୁତି କେନ୍ଦ୍ରଠାରେ ଶୁକ୍ରବାର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଖତ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନିଷ୍ଠ ପରିମଳ ବିଶେଷଜ୍ଞ ଦିପ୍ତୀମୟୀ ସାହୁ, ସୁମନ୍ତ ସେନାପତି ଏବଂ କେନ୍ଦ୍ର ପରିଚାଳନାରେ ଥିବା ମହାଲକ୍ଷ୍ମୀ ସ୍ୱୟଂ ସହାୟିକା ଗୋଷ୍ଠି ସଦସ୍ୟ ଉପସ୍ଥିତ ଥିଲେ। ଘରୁ ବାହାରୁଥିବା ଓଦା ଆବର୍ଜନାର ସଦୁପଯୋଗ କରାଯାଇ ସେଥିରୁ ଅଣ୍ଡୁ ଜୈବ ଖତ ପ୍ରସ୍ତୁତ କରାଯାଇପାରିବ ଏବଂ ଏହି ଖତର ଉପକାରିତା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଛାତ୍ରୀଛାତ୍ରମାନେ ଏଥିପ୍ରତି ସଚେତନ ରହିଲେ ସେମାନଙ୍କ ପରିବାର ଓ ସମାଜ ଏହାର ସୁଫଳ ପାଇବାରେ ସକ୍ଷମ ହେବା ଲକ୍ଷ୍ୟରେ ଏହି କର୍ମଶାଳା କରାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। କର୍ମଶାଳାରେ ଆସିକା ଏନଏସି ଲାଲାଶାସନ ନୋଡାଲ ହାଇସ୍କୁଲର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ ।

# ଋଷିକୁଲ୍ୟା ନଦୀରେ ଯାଆଁଳ ଛାଡ଼ିଲା ମତ୍ସ୍ୟ ବିଭାଗ

ଧରାକୋଟ ୩୦।୯(ଡି.ଏନ୍.ଏ.)

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଋଷିକୁଲ୍ୟା ନଦୀର ପୁଟୁ ଓ ହନୁମାନ ଦ୍ୱାର ଘାଟରେ ୨ଲକ୍ଷ ଯାଆଁଳ ଛଡ଼ାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ନିମାଇଁ ଚରଣ ବସ୍ତିଆ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ ଯୋଗଦେଇଥିବା ବେଳେ ଧରାକୋଟ ବିଡିଓ ଡେନିସ ବେହେରା, ଏବିଡିଓ ସୁଶୀଲ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରୋହି, ଭାକୁର, ମିରିକାଳି ପ୍ରଜାତିର ଯାଆଁଳ ନଦୀର ସ୍ରୋତରେ ଛଡ଼ାଯାଇଥିଲା। ନଦୀରେ ଯାଆଁଳ ଛଡ଼ାଯିବା ଦ୍ୱାରା ଜଳରେ ଜୈବବିବିଧତାରେ ସମାନତା ଆଣିବା, ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ମାନଦଣ୍ଡରେ ଅଭିବୃଦ୍ଧି ଆଣିବା ସହ ମତ୍ସ୍ୟ ସମ୍ପଦର ବିକାଶ ହେବାର ଅଧିକାରୀମାନେ ସୂଚନା ଦେଇଛନ୍ତି। ଭଞ୍ଜନଗର ଯାଆଁଳ କେନ୍ଦ୍ରର ପରିଚାଳକ ସନ୍ତୋଷ ବାରିକ, ଧରାକୋଟ ବ୍ଲକ ଅଧିକାରୀ ଶିବାନୀ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଏଫ୍ଓ ସୁଧାଂଶୁ ଶେଖର ସାହୁ, ଦୁର୍ଗା ମାଧବ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ ପ୍ରଦାନ କରିଥିଲେ।



ନଦୀରେ ମାଛ ଯାଆଁଳ ଛଡ଼ାଯାଉଛି।

## ଗ୍ରାମସାଥୀଙ୍କ ସହ ବିଡିଓଙ୍କ ଆଲୋଚନା

ଆର.ଉଦୟଗିରି,୩୦।୯(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ ପଞ୍ଚାୟତ କାର୍ଯ୍ୟାଳୟଠାରେ ୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ସମ ଅଟକଳ ପ୍ରସ୍ତୁତି ଓ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି ଉଦ୍ଦେଶ୍ୟରେ ଗୁରୁବାର ବିଡିଓ ଲରିମନ ଖର୍ସେଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମିନାରାୟଣ ଶବରଙ୍କ ସମେତ ପଞ୍ଚାୟତର ସମସ୍ତ ନିର୍ବାଚନ ପ୍ରତିନିଧି, ଏପିଓ, ୱାର୍ଡମେମ୍ବର, ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ଗ୍ରାମ ରୋଜଗାର ସେବକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଆର୍ଥିକ ବର୍ଷ ସମ ଅଟକଳ ପ୍ରସ୍ତୁତି କରିବା ସହ କେଉଁ ନୀତି ଆପଣାଇଲେ ଭଲ ପ୍ରକଳ୍ପ ପ୍ରସ୍ତୁତି ହୋଇପାରିବ ସେନେଇ ବିଡିଓ ବୁଝାଇଥିଲେ।

## ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ

ନୂଆଗଡ଼,୩୦।୯

ଟବରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ ମାଧ୍ୟମରେ ଅତରସିଂ ଓ ବେତାରସିଂ କ୍ଲଷ୍ଟରର ୧୦୦ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଟବରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତ ହୋଇଥିବା ପ୍ରଧାନ ଶିକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ଉଦ୍‌ଘାଟନ କରି ଦୀର୍ଘ ଦୁଇ ବର୍ଷ ଧରି କୋଭିଡ ଯୋଗୁ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଗ୍ରହଣରେ ଯେଉଁ କ୍ଷତି ହୋଇଥିଲା ତାହାର ପୂରଣ କରି ଛାତ୍ରୀଛାତ୍ରଙ୍କୁ ଶ୍ରେଣୀ ଭିତ୍ତିକ ଦକ୍ଷତା ଆଣିବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ।

# ଅପରାଧ ନିୟନ୍ତ୍ରଣ ଲାଗି ବୈଠକ

ଧରାକୋଟ,୩୦।୯(ଡି.ଏନ.ଏ.)

ଧରାକୋଟ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଓ ଆପରାଧିକ କାର୍ଯ୍ୟକଳାପ ରୋକିବା ଲାଗି ଏକ ବୈଠକ ଥାନା ଅଧିକାରୀ ମମତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକରେ ଥିବା ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକମାନଙ୍କ ସହ ଗଡଦାମୋଦରପଲ୍ଲୀ ଓ ଢ଼ଉଗାଁ ପେଟ୍ରୋଲ ପମ୍ପ ମାଲିକ ଏବଂ ସମସ୍ତ ସୁନା ଦୋକାନମାଲିକମାନେ ଯୋଗ ଦେଇଥିଲେ। ଅପରାଧୀ ଓ ଅପରାଧ ସମ୍ବନ୍ଧୀୟ ଘଟଣା ଜାଣିବା ପାଇଁ ଉନ୍ନତ ମାନର ସିସିଟିଭି କ୍ୟାମେରା ଲଗାଇବା, ସଂପୃକ୍ତ ସଂସ୍ଥା ଗୁଡିକରେ ଟଙ୍କା ଦେନ ନେଣ ବେଳେ ସତର୍କତା ଅବଲମ୍ବନ କରିବା, ଆର୍ଥିକ କାରବାରରେ ସୀକୃତି ପ୍ରାପ୍ତ ମୋବାଇଲ ଆପ ବ୍ୟବହାର କରିବା, ନିକଟସ୍ଥ ବ୍ୟାଙ୍କରେ ଟଙ୍କା ଜମା କରିବା, ପେଟ୍ରୋଲ ପମ୍ପ, ସୁନା ଗହଣା ଦୋକାନୀ ନିଜ ପାଖରେ ମାତ୍ରାଧିକ ଜମା ନ ରଖିବା ଓ ସନ୍ଧ୍ୟାରେ ଟଙ୍କା କାରବାର ନକରିବା ସମ୍ପର୍କରେ ଥାନା ଅଧିକାରୀ ମମତା ସାମନ୍ତରାୟ ସୂଚନା ପ୍ରଦାନ କରିଥିଲେ। ଅଞ୍ଚଳରେ ଡକାୟତି, ଚୋରି, ଲୁଟ ଭଳି କାର୍ଯ୍ୟକଳାପ ଉପରେ ଲଗାମ ଦେବାକୁ ସମସ୍ତେ ସହଯୋଗ କରିବାକୁ ବୈଠକରେ ଆହ୍ୱାନ ଦିଆ ଯାଇଥିଲା ।

# ପାଣି ପଞ୍ଚାୟତ ସଭ୍ୟମାନଙ୍କୁ ନେଇ ତାଲିମ ଶିବିର




ତାଲିମ ପ୍ରଦାନ କରାଯାଉଛି।

ପାରଳାଖେମୁଣ୍ଡି,୩୦।୯(ଡି.ଏନ୍.ଏ.)

କାଶୀନଗର ଓ ଗୁମ୍ମା ବ୍ଲକର ୨୦ ଗ୍ରାମ ପଞ୍ଚାୟତର ୨୦ ପାଣି ପଞ୍ଚାୟତ ସଭ୍ୟମାନଙ୍କୁ ନେଇ ୧୦ ଦିନିଆ ଏକ ତାଲିମ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁମ୍ମା ସ୍ଥିତ ସରକାରୀ ଆଇଟିଆଇଠାରେ ଅନୁଷ୍ଠିତ ତାଲିମ ଶିବିରରେ ମୁଖ୍ୟତଃ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ହେଉଥିବା ଯନ୍ତ୍ରାଂଶର ରକ୍ଷଣାବେକ୍ଷଣ ଏବଂ ନିରାପତ୍ତା ବିଷୟରେ ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମ ଓଡ଼ିଶା ବୈଷୟିକ ଶିକ୍ଷା ତାଲିମ ନିର୍ଦ୍ଦେଶାଳୟ ଏବଂ ଗଜପତି ଜିଲା ଉଠା ଜଳସେଚନ ବିଭାଗର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ୧୦ ଦିନିଆ ତାଲିମ ଶିବିରର ଉଦଯାପନୀ କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଉଠା ଜଳସେଚନ ଡିଭିଜନର ନିର୍ବାହୀଯନ୍ତ୍ରୀ ଇଂ ଅଶୋକ କୁମାର ପାଢ଼ୀ, ସହକାରୀ ଯନ୍ତ୍ରୀ ଇଂ ଦେବରାଜ ମିଶ୍ର, ଗୁମ୍ମା ଆଇଟିଆଇ ପ୍ରିନସିପାଲ ରବୀନ୍ଦ୍ର ମିଶ୍ର ଏବଂ ମୋହନା ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଇଂ ବିଘ୍ନେଶ୍ୱର ସିଂ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଦାରା ଚାଷି ପାଣି ପଞ୍ଚାୟତ ଦାରା ବିଶେଷ ଉପକୃତ ହୋଇପାରିବେ। କାର୍ଯ୍ୟକ୍ରମରେ ସମସ୍ତ ତାଲିମାର୍ଥି ଚାଷୀମାନଙ୍କୁ ଯନ୍ତ୍ରାଂଶ ମରାମତି କୀଟ ପେକେଟ ଏବଂ ତାଲିମ ପ୍ରମାଣପତ୍ର ମଞ୍ଚାସୀନ ଅଧିକାରୀ ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।

# ଗାନ୍ଧୀ ଜୟନ୍ତୀ ପାଳନ ଲାଗି ମାଟି, ପାଣି ସଂଗ୍ରହ

ଛତ୍ରପୁର/ପୁରୁଷୋତ୍ତମପୁର,୩୦।୯(ଡି.ଏନ.ଏ.)

ଗାନ୍ଧୀ ଜୟନ୍ତୀ ପାଳନ ଉପଲକ୍ଷେ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ପରିଦର୍ଶନ ପୀଠ, ଜନ୍ମପୀଠ, ଶହୀଦ ପୀଠରୁ ପବିତ୍ର ମାଟି ଓ ପ୍ରମୁଖ ନଦୀରୁ ପାଣି ସଂଗ୍ରହ କରାଯାଇ ଭୁବନେଶ୍ୱର ପ୍ରେରଣ କରାଯାଉଛି । ଆସନ୍ତା ୨ ତାରିଖ ଗାନ୍ଧୀ ଜୟନ୍ତୀରେ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହେବାକୁ ଥିବା ଚାରାରୋପଣ କାର୍ଯ୍ୟକ୍ରମରେ ଏହି ମାଟି ଓ ପାଣି ବ୍ୟବହାର କରାଯିବ। ଗଞ୍ଜାମ ଜିଲାର ମଣ୍ଡଳ କାରାଗାର ସ୍ମୃତି ମନ୍ଦିର ପରିସର ଯେଉଁଠି ଲକ୍ଷ୍ମଣ ନାୟକଙ୍କୁ ବନ୍ଦୀ କରି ରଖାଯାଇଥିଲା ଓ ପରେ ତାଙ୍କୁ ଫାଶୀ ଦିଆଯାଇଥିଲା ଏବଂ ସ୍ୱାଧୀନତା ସଂଗ୍ରାମୀ ଯେଉଁଠି ବନ୍ଦୀ ଥିଲେ ସେଠାରୁ ମାଟି ସଂଗ୍ରହ କରାଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଜେଲ ସୁପରିଣ୍ଟେଣ୍ଡେଣ୍ଟ ସତ୍ୟ ନାରାୟଣ ବେହେରା, ମଣ୍ଡଳ କାରାଗାରର ସମସ୍ତ କର୍ମଚାରୀ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ମାଟି ସଂଗ୍ରହ କରାଯାଇଥିଲା । ସେହିପରି ଗଞ୍ଜାମର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୂଜାର୍ଚ୍ଚନା ପରେ ଋଷିକୂଲ୍ୟା ନଦୀରୁ ପବିତ୍ର ଜଳ ସଂଗ୍ରହ କରାଯାଇଛି। ଜଳ ସଂଗ୍ରହ ବେଳେ ପୁରୁଷୋତ୍ତମପୁର ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସନ୍ତୋଷ କୁମାର ସାହୁ, ସ୍ଥାନୀୟ ଖବରଦାତାମାନେ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ , ମନ୍ଦିର ପୂଜକ ବାପୁଜୀ ରଣା ଓ ମନ୍ଦିରର ଅନ୍ୟ ପୂଜକମାନେ ଉପସ୍ଥିତ ଥିଲେ। ଏହାପରେ ଅନ୍ୟ ଏକ ସ୍ଥାନ ହୁମ୍ମା, ଯେଉଁଠି ଗାନ୍ଧିଜୀଙ୍କ ଡାକରାରେ ଲବଣ ସତ୍ୟାଗ୍ରହ ହୋଇଥିଲା, ସେଠାରୁ ମଧ ଜିଲା ସୂଚନା ଓ ଲୋକସମ୍ପର୍କ ହୁମ୍ମା ଗ୍ରାମ ପଞ୍ଚାୟତର ସରପଞ୍ଚ ଜାନକୀ ଦାସ, ସ୍ଥାନୀୟ ଜନ ପ୍ରତିନିଧି ଓ ଖବରଦାତାମାନଙ୍କ ଉପସ୍ଥିତିରେ ମାଟି ସଂଗ୍ରହ କରାଯାଇଛି । ଗଞ୍ଜାମ ଜିଲାରୁ ସଂଗୃହୀତ ପବିତ୍ର ମାଟି ଓ ପାଣି ସଂଗ୍ରହ କରାଯାଇ ଶୁକ୍ରବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସଂଗ୍ରହ ସ୍ଥଳ ଜୟଦେବ ଭବନ ଠାରେ ହସ୍ତାନ୍ତର କରାଯାଇଛି ।

**ଭୁବନେଶ୍ୱରରେ ହସ୍ତାନ୍ତର କଲେ ଡିଆଇପିଆରଓ**




ପ୍ରଶାସନିକ ଅଧିକାରୀମାନେ ଋଷିକୁଲ୍ୟାରୁ ଜଳ ଆଣୁଛନ୍ତି।

# ଭୀଷ୍ମଗିରି ଉନ୍ନୟନ ପରିଷଦ ବୈଠକ, ବିବିଧ ସମସ୍ୟା ନେଇ ଆଲୋଚନା

ଦିଗପହଣ୍ଡି,୩୦।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ଭୀଷ୍ମଗିରି ଉନ୍ନୟନ ପରିଷଦର କାର୍ଯ୍ୟକାରୀ କମିଟି ବୈଠକ ସ୍ଥାନୀୟ ଗୋବିନ୍ଦ ପ୍ରଧାନ ସ୍ମୃତି ସଂସଦ ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପ୍ରଶାନ୍ତ କୁମାର ପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବୃନ୍ଦାବନ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ପରିଷଦ ପକ୍ଷରୁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଭୀଷ୍ମଗିରି ଉନ୍ନୟନ ପରିଷଦ ପକ୍ଷରୁ ଗତ ୧୫ ତାରିଖରେ ଏକ ପ୍ରତିନିଧି ଦଳ ଯାଇ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମା ଶଙ୍କର ମିଶ୍ର, ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍ ଏବଂ ଟାଟା ପାୱାରର ପଦାଧିକାରୀଙ୍କୁ ସାକ୍ଷାତ କରି ଯେଉଁ ଦାବିପତ୍ର ପ୍ରଦାନ କରିଥିଲେ ତାହାର ଅଗ୍ରଗତି ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ବିଭିନ୍ନ ସାହି ବସ୍ତିରେ ପାଣିଜମିବାରୁ ଉତ୍ପନ୍ନ ପରିସ୍ଥିତି ଆଦି ସମ୍ପର୍କରେ ସ୍ଥାନୀୟ ଗ୍ରାମ ପଞ୍ଚାୟତର ସ୍ଥାଣୁତାକୁ ନେଇ ପରିଷଦ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା। ୧୯୭୨ରୁ ଭୀଷ୍ମଗିରି ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ଆସୁଥିଲା ବେଳେ ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୨୦ରୁ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ଏକ ଉନ୍ନତ ଯୋଜନା ପ୍ରସ୍ତୁତ ହୋଇ ସାରିଥିଲେ ମଧ ତାହା ରାଜନୈତିକ କାରଣରୁ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଲୋକେ ଘୋର ପାନୀୟ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଣୁ ଏ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର ହୋଇଥିଲା। ୧୯୮୮ ରୁ ଭୀଷ୍ମଗିରିରେ ପ୍ରତିଷ୍ଠିତ ବାଳିକା ଉଚ୍ଚ ବିଦ୍ୟାଳୟର କୋଠା ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ୨୦୨୦ ରୁ ୧୫ ଲକ୍ଷ ବ୍ୟୟରେ ଏକ ନୂତନ କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ତାହା ସମ୍ପୂର୍ଣ୍ଣ କରିବାରେ ଅବହେଳା ହୋଇଛି। ଫଳରେ ସେହି ଅନୁଷ୍ଠାନଟି ଏକ ପ୍ରକାର ଦୁର୍ଦ୍ଦିନ ମଧ୍ୟରେ ଗତିକରୁଛି। ଉପରୋକ୍ତ ସମସ୍ୟା ନେଇ ଆନ୍ଦୋଳନାତ୍ମକ କାର୍ଯ୍ୟ ପନ୍ଥା ଗ୍ରହଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଭୀଷ୍ମଗିରି କଲେଜରେ ଛାତ୍ରଙ୍କ ତୁଳନାରେ ଅଧିକ ଛାତ୍ରୀ ଅଧ୍ୟୟନ କରୁଥିବାରୁ ଏକ ମହିଳା କଲେଜ ସ୍ଥାପନ କରାଯିବା, ଏଠାରେ ଏକ ସାପ୍ତାହିକ ହାଟ ଏବଂ ସ୍ୱର୍ଗତ ଲମ୍ବୋଦର ପାଣିଗ୍ରାହୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ, ଭୀଷ୍ମଗିରି ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ନରସିଂହ ବ୍ରହ୍ମାଙ୍କ ଏକ ତୈଳ ଚିତ୍ର ସ୍ଥାପନ କରିବା ସାଙ୍ଗକୁ ୧୯୪୮ ରୁ ଭୀଷ୍ମଗିରି ଠାରେ ପ୍ରତିଷ୍ଠିତ ପଲ୍ଲୀ ପାଠାଗାରକୁ ପ୍ରତିଷ୍ଠା ଦିଗରେ ଅବଦାନ ରଖିଥିବା ଭୀଷ୍ମଗିରିର ପ୍ରଥମ ସରପଞ୍ଚ ସ୍ୱର୍ଗତ ରାମନାଥ ପାଠୀଙ୍କ ନାମରେ ତାହା ନାମିତ କରିବାକୁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ଭୀଷ୍ମଗିରି ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ସମେତ ପ୍ରକାଶ ଚନ୍ଦ୍ର ଗୌଡ, ସୀମାଞ୍ଚଳ ଗୌଡ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ମହାନ୍ତି, ପୀତାମ୍ବର ଗୌଡ, ମୃତ୍ୟୁଞ୍ଜୟ ପଣ୍ଡା, ଏ. ନାରଶୁ, ମାଗତା ପ୍ରଧାନ, ପ୍ରକାଶ ଚନ୍ଦ୍ର ସେଠୀ, ଭଗବାନ ସାହୁ, ବି. ସୁକୁଟା, ବି. ଚନ୍ଦ୍ରମଣୀ, ବାଳକୃଷ୍ଣ ବେହେରା, ଅଶୋକ କୁମାର ନାୟକ, ଅନିଲ କୁମାର ନାୟକ, ଅମୂଲ୍ୟ କୁମାରୀ ଦାସ ଓ ଗୀତାଞ୍ଜଳି ପଣ୍ଡା ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

